ଅରବିନ୍ଦ କୁମାର କଙ୍କଣେ

ବନାମ

ୟୁ. ପି. ରାଜ୍ୟ ଏବଂ ଅନ୍ୟମାନେ

3 ଅଗଷ୍ଟ, 2001

[ଏସ୍. ରାଜେନ୍ଦ୍ର ବାବୁ ଏବଂ ଦୋରାଇସ୍ୱାମୀ ରାଜୁ, ନ୍ୟାୟମୂର୍ତ୍ତିଦ୍ୱୟ]

*ଶିକ୍ଷା*

*ସ୍ନାତକୋତ୍ତର ଡାକ୍ତରୀ ପାଠ୍ୟକ୍ରମ - ନାମଲେଖା - ନିୟମାବଳୀ - ଗଠନ -ଉପବୋଧନ ପ୍ରକ୍ରିୟା - ପ୍ରାର୍ଥୀଙ୍କ ଦ୍ୱାରା ପ୍ରୟୋଗ କରାଯାଇଥିବା ବିକଳ୍ପ ପରେ ବିଷୟଗୁଡ଼ିକର ଆବଣ୍ଟନ ଚୂଡ଼ାନ୍ତ ଏବଂ ଏଥିରେ କୌଣସି ପରିବର୍ତ୍ତନ ହେବ ନାହିଁ - ପରବର୍ତ୍ତୀ ସମୟରେ ଖାଲି ପଡୁଥିବା ସ୍ଥାନ - ଯୋଗ୍ୟତା ଅନୁଯାୟୀ ପ୍ରତୀକ୍ଷା ତାଲିକାଭୁକ୍ତ ପ୍ରାର୍ଥୀ ମାନଙ୍କ ମଧ୍ୟରୁ ପୂରଣ ହେବ - ଆପତ୍ତି ଉପରେ, ଉଚ୍ଚ ନ୍ୟାୟାଳୟର ଏକକ ବିଚାରପତି ରାୟ ଦେଇଛନ୍ତି ଯେ ପରବର୍ତ୍ତୀ ସମୟରେ ଖାଲି ପଡ଼ିଥିବା ସ୍ଥାନ ମଧ୍ୟ ସମସ୍ତ ପ୍ରାର୍ଥୀଙ୍କୁ ପ୍ରଦାନ କରାଯିବା ଉଚିତ - ଆବେଦନ ଉପରେ, ଉଚ୍ଚ ନ୍ୟାୟାଳୟର ଖଣ୍ଡପୀଠ ରାୟ ଦେଇଛନ୍ତି ଯେ ଯଦି ପରବର୍ତ୍ତୀ ସମୟରେ ସମସ୍ତ ପ୍ରାର୍ଥୀଙ୍କୁ ଖାଲି ସ୍ଥାନ ପ୍ରଦାନ କରାଯାଏ, ତେବେ ଏହା ସମଗ୍ର ଉପବୋଧନ ପ୍ରକ୍ରିୟାକୁ ବ୍ୟାହତ କରିବ - ଅପିଲ ଉପରେ, ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠ ଏହାଙ୍କ ବିଚାରରେ ନ୍ୟାୟସଙ୍ଗତ ଥିଲେ ।*

**ସ୍ନାତକୋତ୍ତର ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ସରକାର କେତେକ ନିୟମ ପ୍ରଣୟନ କରିଛନ୍ତି । ଉକ୍ତ ନିୟମରେ କୁହାଯାଇଛି ଯେ ବିଷୟ ଏବଂ କଲେଜ ଆବଣ୍ଟନ ସଂକ୍ରାନ୍ତରେ ପ୍ରଥମ ଉପବୋଧନରେ ଜଣେ ପ୍ରାର୍ଥୀଙ୍କ ଦ୍ୱାରା ପ୍ରୟୋଗ କରାଯାଇଥିବା ବିକଳ୍ପ ଚୂଡ଼ାନ୍ତ ହେବ ଏବଂ ଏଥିରେ କୌଣସି ପରିବର୍ତ୍ତନ ହେବ ନାହିଁ । ଯେଉଁ ପ୍ରାର୍ଥୀମାନେ ଉପବୋଧନ ସମୟରେ ସେମାନଙ୍କ ବିକଳ୍ପ ବ୍ୟବହାର କରିନଥିଲେ ସେମାନଙ୍କୁ ପ୍ରତୀକ୍ଷା ତାଲିକାରେ ରଖାଯିବ ଏବଂ ଯଦି ପରବର୍ତ୍ତୀ ପର୍ଯ୍ୟାୟରେ କୌଣସି ସ୍ଥାନ ଖାଲି ପଡ଼େ, ତେବେ ସେମାନଙ୍କୁ ତାହା ଆବଣ୍ଟନ କରାଯିବ । ଆପତ୍ତି ଉପରେ, ଉଚ୍ଚ ନ୍ୟାୟାଳୟର ଏକକ ନ୍ୟାୟମୂର୍ତ୍ତି ରାୟ ଦେଇଛନ୍ତି ଯେ ପରବର୍ତ୍ତୀ ସମୟରେ ସମସ୍ତ ପ୍ରାର୍ଥୀଙ୍କୁ ଖାଲି ସ୍ଥାନ ପ୍ରଦାନ କରାଯିବ; ଏବଂ ପ୍ରଥମ ଉପବୋଧନରେ ପୂର୍ବରୁ ସ୍ଥାନ ଆବଣ୍ଟିତ ହୋଇଥିବା ପ୍ରାର୍ଥୀମାନଙ୍କୁ ମଧ୍ୟ ସେମାନଙ୍କର ବିକଳ୍ପ ବ୍ୟବହାର କରିବାକୁ ଅନୁମତି ଦିଆଯିବ । ତେବେ, ଅପିଲ ଉପରେ, ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠ ଏକକ ନ୍ୟାୟମୂର୍ତ୍ତିଙ୍କ ଆଦେଶକୁ ବାତିଲ କରି କହିଛନ୍ତି ଯେ କୌଣସି ଆସନ ଯାହା ଉପଲବ୍ଧ ଥିଲା ଏବଂ ଯାହା ଭୁଲରେ କୌଣସି ଉପବୋଧନରେ ଅନ୍ତର୍ଭୁକ୍ତ ହୋଇନଥିଲା, ପ୍ରତୀକ୍ଷା ତାଲିକାଭୁକ୍ତ ପ୍ରାର୍ଥୀଙ୍କ**

**ମଧ୍ୟରେ ଯୋଗ୍ୟତା କ୍ରମରେ ପୂରଣ କରାଯିବ ଏବଂ ଯଦି ଏହା ପ୍ରାର୍ଥୀଙ୍କ ପାଇଁ ପ୍ରଦାନ କରାଯାଏ, ତେବେ ଏକ ଶୃଙ୍ଖଳ ପ୍ରତିକ୍ରିୟା ଆରମ୍ଭ ହେବ ଯାହା ସମଗ୍ର ଉପବୋଧନ ପ୍ରକ୍ରିୟାକୁ ଓଲଟାଇବ । ତେଣୁ, ବର୍ତ୍ତମାନର ଆବେଦନ ।**

**ଏହି ଆବେଦନକୁ ଖାରଜ କରି ନ୍ୟାୟାଳୟ**

**ନିର୍ଣ୍ଣୟ କଲେ : 1.1. ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠ ଏହା କହିବାକୁ ଯଥାର୍ଥ ଥିଲେ ଯେ, ଯେ କୌଣସି ସ୍ଥାନ ଯାହା ଉପଲବ୍ଧ ଅଛି ଏବଂ ଯାହା ଭୁଲବଶତଃ କୌଣସି ଉପବୋଧନରେ ଅନ୍ତର୍ଭୁକ୍ତ ହୋଇନାହିଁ, ତାହାକୁ ପ୍ରତୀକ୍ଷା ତାଲିକାଭୁକ୍ତ ପ୍ରାର୍ଥୀଙ୍କ ମଧ୍ୟରେ ଯୋଗ୍ୟତା କ୍ରମରେ ପୂରଣ କରାଯିବା ଉଚିତ । ଥରେ ଜଣେ ପ୍ରାର୍ଥୀଙ୍କ ଦ୍ୱାରା ଏକ ବିକଳ୍ପ ପ୍ରୟୋଗ କରାଯିବା ପରେ ଯାହା ଆଧାରରେ ତାଙ୍କୁ ବିଷୟ ଆବଣ୍ଟିତ କରାଯାଏ ଏବଂ ତା'ପରେ ସେହି ପ୍ରାର୍ଥୀଙ୍କୁ ପରବର୍ତ୍ତୀ ଉପବୋଧନରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯାଏ ଏବଂ ତାଙ୍କ ସ୍ଥାନ ଖାଲି ହୋଇଯାଏ, ଉପବୋଧନ ପ୍ରକ୍ରିୟା ଅନ୍ତହୀନ ହେବ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଅନୁମାନ ଅନୁଯାୟୀ, ନିର୍ଦ୍ଧାରିତ ସମୟ ମଧ୍ୟରେ ମହାବିଦ୍ୟାଳୟ ସମ୍ବନ୍ଧୀୟ ପାଠ୍ୟକ୍ରମ ସମାପ୍ତ କରିବା ସମ୍ଭବ ହୋଇନପାରେ ।**

*ଡ. ବୀଣା ଗୁପ୍ତା ବନାମ ଦିଲ୍ଲୀ ବିଶ୍ୱବିଦ୍ୟାଳୟ,* **AIR (1994)** ଦିଲ୍ଲୀ **108 (FB)** ଏବଂ *ଅନୀଲ ଜୈନ ବନାମ ପରୀକ୍ଷା ନିୟନ୍ତ୍ରକ,* **(1998) 3 E.S.C.** ମାମଲା **2016**କୁ ମଞ୍ଜୁରି ମିଳିଛି ।

**2. ଅଭିଯୋଗ ଯେ ଯଦି ଅସ୍ତ୍ରୋପଚାର ଏବଂ ଔଷଧ ପରି ଏକ ପସନ୍ଦ ବିଷୟ ଜଣେ ପ୍ରାର୍ଥୀଙ୍କ ଦ୍ୱାରା ଛାଡି ଦିଆଯାଏ ଏବଂ ସେହି ସ୍ଥାନ ଖାଲି ହୋଇଯାଏ, ତେବେ ଏହା ଯୋଗ୍ୟତା ତାଲିକାରେ ନିମ୍ନ ପାହ୍ୟା ଥିବା ପ୍ରାର୍ଥୀଙ୍କ ନିକଟକୁ ଯାଇପାରେ, ଏହା କେବଳ ଏକ ଆକସ୍ମିକ ପରିସ୍ଥିତି, ଯାହା ଅନେକ ସମ୍ଭାବନା ଉପରେ ନିର୍ଭର କରେ, ଯେପରିକି ଛାତ୍ର, ଯାହାକୁ ମେଡ଼ିସିନରେ ଏକ ଆସନ ଆବଣ୍ଟନ କରାଯାଇଛି, ଉକ୍ତ ଆସନ ଛାଡିଦେଇଛି ଏବଂ ସେହି ସ୍ଥାନ ଖାଲି ପଡ଼ିଛି ଏବଂ ତା'ପରେ ସେହି ଯୋଗ୍ୟତା ତାଲିକାରେ ନିମ୍ନ ପାହ୍ୟା ଥିବା ପ୍ରାର୍ଥୀଙ୍କୁ ଆବଣ୍ଟନ କରାଯାଇଛି । ଏଭଳି ଅସ୍ୱାଭାବିକ ପରିସ୍ଥିତି ନିୟମର ଯୁକ୍ତିସଙ୍ଗତତାର ପରୀକ୍ଷଣ ହୋଇପାରିବ ନାହିଁ ।**

ଦେୱାନୀ ଆବେଦନ ଅଧିକାରିତା : 2000 ର ଦେୱାନୀ ଆବେଦନ ସଂଖ୍ୟା 2649-51 ।

1999ର ଏସ୍. ଏ. ନମ୍ବର 1282, 1301 ଏବଂ 1374ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟର 11.2.2000 ତାରିଖର ରାୟ ଏବଂ ଆଦେଶରୁ ।

ଏହା ସହିତ

ସି. ଏ. ସଂଖ୍ୟା 4752/2000 ଏବଂ ଏସ୍.ଏଲ୍.ପି. (ସି) ସଂଖ୍ୟା 5151/2000 ।

ଉପସ୍ଥିତ ପକ୍ଷମାନଙ୍କ ପାଇଁ ସୁଶ୍ରୀ ଶୋଭା ଦୀକ୍ଷିତ, ସୁବୋଧ ମାର୍କଣ୍ଡୟ, ଯତୀଶ ମୋହନ, ପଙ୍କଜ କୁମାର ସିଂହ, କେ. ଏଲ. ଜଞ୍ଜାନି, ପ୍ରଦୀପ ମିଶ୍ର, ସୁଶ୍ରୀ ଇନ୍ଦୁ ମିଶ୍ର, ସୁଶ୍ରୀ ଚିତ୍ରା ମାର୍କଣ୍ଡୟ, ସୁଶ୍ରୀ ଫିରୋଜ ବାନୋ, ଡ. ଆଇ. ବି. ଗୌର, ଡି. ଏସ. ମହରା ଏବଂ ସୁଶ୍ରୀ ସୁନୀତା ଶର୍ମା ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା

**ନ୍ୟାୟମୂର୍ତ୍ତି ରାଜେନ୍ଦ୍ର ବାବୁ**ଙ୍କ ଦ୍ୱାରା :

**ସି. ଏ. ସଂଖ୍ୟା 2649-2651/2000**

ସ୍ନାତକୋତ୍ତର ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ସମ୍ବନ୍ଧରେ, ମାର୍ଚ୍ଚ 30,1994 ରେ ଜାରି ହୋଇଥିବା ସରକାରୀ ଆଦେଶ ଅନୁଯାୟୀ ନିୟମ ପ୍ରସ୍ତୁତ କରାଯାଇଥିଲା; ଏଥିରେ ବ୍ୟବସ୍ଥା କରାଯାଇଥିଲା ଯେ ଜଣେ ପ୍ରାର୍ଥୀଙ୍କ ଦ୍ୱାରା ପ୍ରୟୋଗ କରାଯାଇଥିବା ବିକଳ୍ପ ଆଧାରରେ ବିଷୟ [ବିଶେଷତା] ଏବଂ ପାଠ୍ୟ ମହାବିଦ୍ୟାଳୟର ଆବଣ୍ଟନ ଚୂଡ଼ାନ୍ତ ଏବଂ କୌଣସି ପ୍ରାର୍ଥୀଙ୍କୁ ବିଷୟ କିମ୍ବା ମହାବିଦ୍ୟାଳୟ ପରିବର୍ତ୍ତନ କରିବାକୁ ଅନୁମତି ଦିଆଯାଇପାରିବ ନାହିଁ । ଜଣେ ପ୍ରାର୍ଥୀ ଯିଏ ଉପବୋଧନ ସମୟରେ ତାଙ୍କ ବିକଳ୍ପ ବ୍ୟବହାର କରନ୍ତି ନାହିଁ ତାଙ୍କୁ ପ୍ରତୀକ୍ଷା ତାଲିକାରେ ରଖାଯିବ ଏବଂ ଯଦି ପରବର୍ତ୍ତୀ ପର୍ଯ୍ୟାୟରେ କୌଣସି ସ୍ଥାନ ଖାଲି ପଡ଼େ, ତେବେ ପ୍ରତୀକ୍ଷା ତାଲିକାରେ ଥିବା ବ୍ୟକ୍ତିଙ୍କ ଦ୍ୱାରା ବ୍ୟବହୃତ ବିକଳ୍ପ ଆଧାରରେ ତାହା ଆବଣ୍ଟନ କରାଯିବ । ଏହି ନିୟମର ବୈଧତାକୁ ଆପତ୍ତି କରି ଉଚ୍ଚ ନ୍ୟାୟାଳୟରେ ଅଜ୍ଞାଦେଶ ଆବେଦନ ଦାୟର କରାଯାଇଥିଲା ।

ଉଚ୍ଚ ନ୍ୟାୟାଳୟର ଜଣେ ବିଦ୍ୱାନ ଏକକ ବିଚାରପତି ନିୟମର ବ୍ୟାଖ୍ୟା କରି ନିର୍ଦ୍ଦେଶ ଦେଇଛନ୍ତି ଯେ ଯେତେବେଳେ ପ୍ରଥମ ଉପବୋଧନ ପରେ ଖାଲି ପଡ଼ିଥିବା ଆସନ ସମେତ ଅବଶିଷ୍ଟ ଆସନ ଆବଣ୍ଟନ ପାଇଁ କୌଣସି ପରବର୍ତ୍ତୀ ଉପବୋଧନ କରିବାକୁ ନିଷ୍ପତ୍ତି ନିଆଯାଏ, ସେତେବେଳେ ଏହାକୁ ଜନସାଧାରଣଙ୍କୁ ସୂଚିତ କରାଯିବ ଏବଂ ପରବର୍ତ୍ତୀ ପ୍ରତ୍ୟେକ ଉପବୋଧନର ପ୍ରଥମ ତାରିଖ ସେହି ପ୍ରାର୍ଥୀମାନଙ୍କ ପାଇଁ ସଂରକ୍ଷିତ ରହିବ ଯେଉଁମାନଙ୍କୁ ପୂର୍ବ ଉପବୋଧନରେ ସ୍ଥାନ ଆବଣ୍ଟନ କରାଯାଇଥିଲା ଏବଂ ଯେଉଁମାନେ ନିଜ ସ୍ଥାନ ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି ଏବଂ ପ୍ରାର୍ଥୀମାନଙ୍କ ମଧ୍ୟରୁ, ଯେଉଁମାନଙ୍କୁ ପ୍ରଥମ ଉପବୋଧନରେ ସ୍ଥାନ ଆବଣ୍ଟନ କରାଯାଇଥିଲା,

ଯେଉଁମାନେ ପ୍ରଥମ ତାରିଖରେ ପରବର୍ତ୍ତୀ ଉପବୋଧନ ପାଇଁ ଆସନ୍ତି, ଯାହା ଏହିପରି ଛାତ୍ରମାନଙ୍କ ପାଇଁ ପ୍ରଦାନ କରାଯାଏ, ପ୍ରଥମ କିମ୍ବା ପୂର୍ବ ଉପବୋଧନ ପରେ ଖାଲି ପଡ଼ିଥିବା ସ୍ଥାନକୁ ଯୋଗ୍ୟତା ଅନୁସାରେ ବଣ୍ଟନ କରାଯିବ । ପ୍ରଥମ ଏବଂ ପୂର୍ବ ଉପବୋଧନ ସମୟରେ ସ୍ଥାନ ଆବଣ୍ଟିତ ହୋଇଥିବା ଏହି ଛାତ୍ରମାନଙ୍କୁ ସ୍ଥାନ ପରିବର୍ତ୍ତନ କେବଳ ସେହି ସ୍ଥାନ ସମ୍ବନ୍ଧରେ ଅନୁମତି ଦିଆଯିବ ଯାହା ପ୍ରଥମ ଉପବୋଧନ ପରେ ଖାଲି ହୋଇଛି ଏବଂ ଅବଶିଷ୍ଟ ସ୍ଥାନ ନୁହେଁ ।

ଏହି ନିର୍ଦ୍ଦେଶ ଦ୍ୱାରା ବ୍ୟଥିତ ହୋଇ, ଡାକ୍ତରୀ ଶିକ୍ଷା ଏବଂ ତାଲିମ ମହାନିର୍ଦ୍ଦେଶକ ଏକ ଅପିଲ ଦାୟର କରିଥିଲେ । ନାମଲେଖା ଯୋଜନା ଏବଂ ଏଥିରେ ଲାଗୁ ହୋଇଥିବା ସର୍ତ୍ତାବଳୀ ଏବଂ *ଡକ୍ଟର ବୀଣା ଗୁପ୍ତା ବନାମ ଦିଲ୍ଲୀ ବିଶ୍ୱବିଦ୍ୟାଳୟ,* AIR (1994) ଦିଲ୍ଲୀ 108 (FB)ରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ପୂର୍ଣ୍ଣାଙ୍ଗ ବିଚାରପୀଠଙ୍କ ନିର୍ଣ୍ଣୟ ଏବଂ *ଅନିଲ ଜୈନ ବନାମ ପରୀକ୍ଷା ନିୟନ୍ତ୍ରକ,* [1998] 3 E.S.C. ମାମଲା 2016 ରେ ପଞ୍ଜାବ ଓ ହରିୟାଣା ଉଚ୍ଚ ନ୍ୟାୟାଳୟର ନିର୍ଣ୍ଣୟକୁ ବିଚାର କରିବା ପରେ, ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠ ମତ ଦେଇଥିଲେ ଯେ ଯେକୌଣସି ସ୍ଥାନ ଯାହା ଉପଲବ୍ଧ ଅଛି ଏବଂ ଯାହା ଭୁଲରେ ତିନୋଟି ଉପବୋଧନରେ ଅନ୍ତର୍ଭୁକ୍ତ ହୋଇନାହିଁ, ତାହାକୁ ପ୍ରତୀକ୍ଷା ତାଲିକାଭୁକ୍ତ ପ୍ରାର୍ଥୀଙ୍କ ମଧ୍ୟରେ ଯୋଗ୍ୟତା କ୍ରମରେ ପୂରଣ କରାଯିବା ଉଚିତ । ସାଧାରଣତଃ, ଯେତେବେଳେ ଏକ ସ୍ଥାନ ଉପଲବ୍ଧ ଥାଏ, ସେତେବେଳେ ଏହାକୁ ପ୍ରାରମ୍ଭିକ ଉପବୋଧନରେ ଅନ୍ତର୍ଭୁକ୍ତ କରାଯିବା ଉଚିତ । ଯଦି ଭୁଲବଶତଃ ପ୍ରାରମ୍ଭିକ ଉପବୋଧନରେ ଏକ ସ୍ଥାନ ଅନ୍ତର୍ଭୁକ୍ତ ହୋଇନଥାଏ, ତେବେ ଏହାର ପ୍ରଭାବ ହେଉଛି ଯେ କେହି ଏହାକୁ ଚୟନ କରନ୍ତି ନାହିଁ । ଯଦି ବର୍ତ୍ତମାନ ଉକ୍ତ ସ୍ଥାନଟି ଉପବୋଧନ ପାଇଁ ସମସ୍ତ ପ୍ରାର୍ଥୀଙ୍କୁ ପ୍ରଦାନ କରିବାକୁ ଚେଷ୍ଟା କରାଯାଏ, ତେବେ ଫଳାଫଳ ଏହା ହେବ ଯେ ପ୍ରଥମ ଉପବୋଧନରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରାର୍ଥୀଙ୍କୁ ଯୋଗ୍ୟତା କ୍ରମରେ ସମାନ ସ୍ଥାନ ବାଛିବା ପାଇଁ ସୁଯୋଗ ଦିଆଯିବା ଉଚିତ । ଏହା ଏକ ଶୃଙ୍ଖଳ ପ୍ରତିକ୍ରିୟା ଆରମ୍ଭ କରିବ ଏବଂ ଶେଷରେ ଆଉ ଏକ ସ୍ଥାନ ରହିବ, ଯାହା ଦ୍ୱିତୀୟ ଉପବୋଧନ ପାଇଁ ଉପଲବ୍ଧ ହେବ । ସେଠାରେ ପୁଣି ଏକ ଶୃଙ୍ଖଳ ପ୍ରତିକ୍ରିୟା ଆରମ୍ଭ ହେବ ଯାହା ତୃତୀୟ କାଉନ୍ସେଲିଂକୁ ନେଇଯିବ । ସମସ୍ତ ପ୍ରାର୍ଥୀଙ୍କ ପାଇଁ ଉପବୋଧନ ପାଇଁ ଆସନକୁ ଫେରାଇବାର ପ୍ରଭାବ, ତେଣୁ, ପୂର୍ବରୁ ହୋଇଥିବା ସମଗ୍ର ଉପବୋଧନକୁ ବିଚଳିତ କରିବ । ଯଦିଓ ପ୍ରଥମ ଦୃଷ୍ଟିଗତ ଭାବରେ ଏହା କିଛିଟା ଅନ୍ୟାୟ ବୋଲି ଜଣାପଡୁଛି, ତଥାପି, ସ୍ଥାନଟି ଖାଲି ଛାଡିବା ବ୍ୟତୀତ, ପ୍ରତୀକ୍ଷା ତାଲିକାଭୁକ୍ତ ପ୍ରାର୍ଥୀମାନଙ୍କୁ ଉକ୍ତ ସ୍ଥାନ ପ୍ରଦାନ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ । ଏହା ମଧ୍ୟ ଲକ୍ଷ୍ୟ କରାଯାଇଥିଲା ଯେ ଥରେ ବିଶ୍ୱବିଦ୍ୟାଳୟ ସମ୍ବନ୍ଧୀୟ ପାଠ୍ୟକ୍ରମ ଆରମ୍ଭ ହେବା ପରେ ଏହାକୁ ତିନି ବର୍ଷର ଅବଧି ମଧ୍ୟରେ ସମାପ୍ତ କରିବାକୁ ପଡିବ ଏବଂ ଯଦି

ଉପବୋଧନ ଦୀର୍ଘ ସମୟ ଧରି କ୍ରମାଗତ ଭାବରେ ଚାଲିଥାଏ ତେବେ ସେହି ସର୍ତ୍ତ ପୂରଣ କରିବା ସମ୍ଭବ ହୋଇନପାରେ ଏବଂ ଏହିପରି ଅଧ୍ୟୟନର ପାଠ୍ୟକ୍ରମକୁ ବିଘ୍ନ ପହଞ୍ଚାଇପାରେ । ଏହି ଆଧାରରେ, ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠ ମାନ୍ୟବର ଏକକ ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ଦିଆଯାଇଥିବା ଆଦେଶକୁ ବାତିଲ କରିଥିଲେ ଏବଂ ଆବେଦନକୁ ଅନୁମତି ଦେଇଥିଲେ । ଏହା ଏହି ଆଦେଶ ଏବଂ ସମ୍ପୃକ୍ତ ମାମଲା ବିରୁଦ୍ଧରେ ବର୍ତ୍ତମାନର ଅପିଲଗୁଡିକ ବିଶେଷ ଅନୁମତି ଦ୍ୱାରା ଦାୟର ହୋଇଛି ।

ଆମେ ଉଚ୍ଚ ନ୍ୟାୟାଳୟ ଏବଂ ଆମ ସମ୍ମୁଖରେ ଉପସ୍ଥାପିତ ଯୁକ୍ତିକୁ ଯତ୍ନର ସହ ଅନୁଧ୍ୟାନ କରିଛୁ ଏବଂ ଆମର ମତ ହେଉଛି ଯେ *ଡକ୍ଟର ବୀଣା ଗୁପ୍ତା*ଙ୍କ ମାମଲା [ଉପରୋକ୍ତ]ରେ ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠ ଏବଂ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ରାୟ ଏବଂ *ଅନିଲ ଜୈନ* ମାମଲା [ଉପରୋକ୍ତ]ରେ ପଞ୍ଜାବ ଓ ହରିୟାଣା ଉଚ୍ଚ ନ୍ୟାୟାଳୟ ଦ୍ୱାରା ଲିପିବଦ୍ଧ କରାଯାଇଥିବା ସିଦ୍ଧାନ୍ତ କାରଣ ସହିତ ସମନ୍ୱିତ ଏବଂ ଯୁକ୍ତିଯୁକ୍ତତାର ପରୀକ୍ଷଣରେ ଅବସ୍ଥିତ । ଏହା ସ୍ପଷ୍ଟ ଯେ ଥରେ ଜଣେ ପ୍ରାର୍ଥୀଙ୍କ ଦ୍ୱାରା ଏକ ବିକଳ୍ପ ପ୍ରୟୋଗ କରାଯିବା ପରେ ଯାହା ଆଧାରରେ ତାଙ୍କୁ ବିଷୟ ଆବଣ୍ଟିତ କରାଯାଏ ଏବଂ ତା'ପରେ ସେହି ପ୍ରାର୍ଥୀଙ୍କୁ ପରବର୍ତ୍ତୀ ଉପବୋଧନରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯାଏ ଏବଂ ତାଙ୍କ ସ୍ଥାନ ଖାଲି ହୋଇଯାଏ, ଉପବୋଧନ ପ୍ରକ୍ରିୟା ଅନ୍ତହୀନ ହେବ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଅନୁମାନ ଅନୁଯାୟୀ, ନିର୍ଦ୍ଧାରିତ ସମୟ ମଧ୍ୟରେ ବିଶ୍ୱବିଦ୍ୟାଳୟ ସମ୍ବନ୍ଧୀୟ ପାଠ୍ୟକ୍ରମ ସମାପ୍ତ କରିବା ସମ୍ଭବ ହେବ ନାହିଁ ।

କରାଯାଇଥିବା ଅଭିଯୋଗ ହେଉଛି ଯେ ଯଦି ଅସ୍ତ୍ରୋପଚାର ଏବଂ ଔଷଧ ପରି ଏକ ପସନ୍ଦ ବିଷୟ ଜଣେ ପ୍ରାର୍ଥୀଙ୍କ ଦ୍ୱାରା ଛାଡି ଦିଆଯାଏ ଏବଂ ସେହି ସ୍ଥାନ ଖାଲି ହୋଇଯାଏ, ତେବେ ଏହା ଯୋଗ୍ୟତା ତାଲିକାରେ ନିମ୍ନ ପାହ୍ୟା ଥିବା ପ୍ରାର୍ଥୀଙ୍କ ନିକଟକୁ ଯାଇପାରେ । ଏହା କେବଳ ଏକ ଆକସ୍ମିକ ପରିସ୍ଥିତି, ଯାହା ଅନେକ ସମ୍ଭାବ୍ୟ ପରିସ୍ଥିତି ଉପରେ ନିର୍ଭର କରେ, ଯେପରିକି ଜଣେ ଛାତ୍ର, ଯାହାଙ୍କୁ ମେଡ଼ିସିନରେ ଏକ ସ୍ଥାନ ଆବଣ୍ଟିତ କରାଯାଇଛି, ଉକ୍ତ ସ୍ଥାନଟି ଛାଡ଼ିଦେବାରେ ସେହି ସ୍ଥାନଟି ଖାଲି ପଡ଼ିଥାଏ ଏବଂ ତା'ପରେ ସେହି ସ୍ଥାନଟି ଯୋଗ୍ୟତା ତାଲିକାରେ ନିମ୍ନ ପାହ୍ୟାର ପ୍ରାର୍ଥୀଙ୍କୁ ଆବଣ୍ଟିତ କରାଯାଇଥାଏ । ଏଭଳି ବିଚିତ୍ର ପରିସ୍ଥିତି ନିୟମର ଯୁକ୍ତିସଙ୍ଗତତାର ପରୀକ୍ଷଣ ହୋଇପାରିବ ନାହିଁ ।

ମାମଲାର ସେହି ଦୃଷ୍ଟିକୋଣରୁ, ଆମେ ଅପିଲ ଗୁଡିକରେ କୌଣସି ଯୋଗ୍ୟତା ପାଇନାହୁଁ ଏବଂ ତାହା ଖାରଜ ହୋଇଛି ।କୌଣସି ଖର୍ଚ୍ଚ ନାହିଁ ।

ଏ.କେ. କଙ୍କଣେ ବନାମ ୟୁ.ପି. ରାଜ୍ୟ [ନ୍ୟାୟମୂର୍ତ୍ତି ରାଜେନ୍ଦ୍ର ବାବୁ]

**ସି. ଏ. ନଂ. 4752/2000 ଏବଂ ଏସଏଲପି (ସି) ନଂ. 5151/2000**

ସି.ଏ. ନଂ. 2649-2651/2000 ରେ ଦିଆଯାଇଥିବା କାରଣ ପାଇଁ, ଏହି ଅପିଲ ଏବଂ ଏସଏଲପି ମଧ୍ୟ ଖାରଜ ହୋଇଛି । କୌଣସି ଖର୍ଚ୍ଚ ନାହିଁ ।

ଏସ୍.ଭି.କେ. ଅପିଲ ଗୁଡିକ ଏବଂ ଏସ୍.ଏଲ୍.ପି. ଖାରଜ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।